# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୯ ମସିହା ଡିସେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଧାନ ଅମଳ ପରେ ଖରାରେ ଭଲଭାବେ ଶୁଖାଇ ଶତକଡା ୧୪ ଭାଗ ଜଳୀୟ ଅଂଶ ଥିବା ଅବସ୍ଥାରେ ସାଇତି ରଖିବା ଆବଶ୍ୟକ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ପର୍ଯ୍ୟନ୍ତ ଶୁଖାଇ ରଖିବା ଆବଶ୍ୟକ । ବିହନକୁ ଭଲଭାବରେ ସାଇତି ରଖିବା ପାଇଁ ସୁପର ଗ୍ରେନ୍ ବ୍ୟାଗ୍ ବ୍ୟବହାର କରନ୍ତୁ ।

- ଖରାଦିନିଆ ଧାନ ଚାଷ ନିମନ୍ତେ ଭଲ ଧାନ ବିହନ ସଂଗ୍ରହ କରନ୍ତୁ । ଧାନ କିସମ ଯଥା- ସି.ଆର୍.ଧାନ-୬୦୨, ସି.ଆର୍.ଧାନ-୬୦୧, ଲଲାଟ, ଉନ୍ନତ ଲଲାଟ, ନବୀନ, ବୀଣାଧାନ-୧୧, ସି.ଆର୍.ଧାନ-୩୧୦, ସି.ଆର୍.ଧାନ-୨୦୩, ସି.ଆର୍.ଧାନ-୨୦୨, ସି.ଆର୍.ଧାନ-୨୦୫, ସି.ଆର୍.ଧାନ-୨୦୬, MTU-୧୦୦୧, MTU-୧୦୧୦, ଶତାବ୍ଦୀ ଇତ୍ୟାଦି ବ୍ୟବହାର କରନ୍ତୁ । ଉପକୂଳିଆ ଲୁଣି ଅଞ୍ଚଳ ପାଇଁ ଲୁଣାସଂଖୀ କିସମ ବ୍ୟବହାର କରନ୍ତୁ । ଏଥିସହିତ ସଙ୍କର କିସମ ଧାନ ଯଥା ଅଜୟ, ରାଜଲକ୍ଷ୍ମୀ ମଧ୍ୟ ବ୍ୟବହାର କରିପାରିବେ ।

- କାଦୁଅ ତଳିଘରା ପାଇଁ ୧୨୦ ସେ.ମି. ପ୍ରସ୍ଥ ଓ ସୁବିଧା ଅନୁଯାୟୀ ଲମ୍ବା ତଳି ପଟାଳିମାନ ପ୍ରସ୍ତୁତ କରନ୍ତୁ । ଦୁଇ ତଳି ପଟାଳି ମଧ୍ୟରେ ୩୦ ସେ.ମି. ବ୍ୟବଧାନର ନାଳି ରଖନ୍ତୁ । ଏକ ଏକର ଜମିରେ ରୁଆ ଧାନ କରିବା ପାଇଁ ୩୨୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ ।

- ଯନ୍ତ୍ରପାତି ଦ୍ୱାରା ତଳିରୁଆ କରିବା ପାଇଁ ମୁଖ୍ୟ ଜମିରେ ରୋଇବାର ଦୁଇ ସପ୍ତାହ ପୂର୍ବରୁ ମଶିଣା ତଳିଘରା ପ୍ରସ୍ତୁତ କରନ୍ତୁ ।

- ଅଧିକ ଶୀଘ୍ର ତଳି ବଢ଼ିବା ପାଇଁ ୪୦ ବର୍ଗମିଟର ତଳିଘରାରେ ୨ ଝୁଡ଼ି ଗୋବର ଖତ ସହିତ ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ସାରକୁ ୧୦:୧୫:୨୦ ଗ୍ରାମ୍ ଅନୁପାତରେ ପ୍ରତି ବର୍ଗମିଟର ହିସାବରେ ବ୍ୟବହାର କରନ୍ତୁ ।

- ଏକ ଏକର ରୁଆ ଧାନ ନିମନ୍ତେ ଅଧିକ ଅମଳକ୍ଷମ ଧାନ ପାଇଁ ୧୪ ରୁ ୧୬ କି.ଗ୍ରା. ଏବଂ ଶଙ୍କର କିସମ ନିମନ୍ତେ ୫ ରୁ ୬ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

- ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ଧାନ ବିହନ ପାଇଁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. କିମ୍ବା କିମ୍ବା ୧ କି.ଗ୍ରା. ଧାନ ବିହନ ପାଇଁ ୧୦ ଗ୍ରାମ୍ ଟ୍ରାଇକୋଡ୍ରମା ବିଶୋଧକ ଏକ ଲିଟର ପାଣି ହିସାବରେ ଦ୍ରବଣ ପ୍ରସ୍ତୁତ କରି ବିହନକୁ ବିଶୋଧନ କରନ୍ତୁ । ଶୁଖିଲା ବିହନ ବିଶୋଧନ କରିବା ପାଇଁ ୧ କି.ଗ୍ରା. ଧାନ ବିହନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. ବ୍ୟବହାର କରନ୍ତୁ ।

- ତଳିଘରାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ । ସକାଳ ସମୟରେ ତଳିଘରାରେ ଜଳସେଚନ କରନ୍ତୁ । ରାତିରେ ତଳିଘରାକୁ ପଲିଥିନ୍ ସାହାଯ୍ୟରେ ଘୋଡାଇ ରଖନ୍ତୁ ଏବଂ ଦିନ ବେଳେ ବାହାର କରିଦିଅନ୍ତୁ ।

- ତଳି ଘରାରେ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୩ ରୁ ୫ ଦିନ ପରେ ପାଇରାଜୋସଲଫ୍ୟୁରାନ୍ ଇଥାଇଲ ୧୦% ଡବ୍ଲ୍ୟୁ.ପି. ଘାସମରା ଔଷଧକୁ ଏକର ପିଛା ୮୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।

- ଚାଷୀମାନଙ୍କୁ ଉପଦେଶ ଦିଆଯାଉଛି କି ଧାନ ଅମଳ ପରେ ବିଲରେ ରହିଥିବା ପାଳ ବା ନଡା ପୋଡାନ୍ତୁ ନାହିଁ ।

******